## କୃଷି ସୂଚନା ସେବା (ଧାନ)

## ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

### ୨୦୧୮ ମସିହା ଅକ୍ଟୋବର ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

❖ ବର୍ତ୍ତମାନ ସମୟରେ ହଳଦିଆ କାଣ୍ଡବିନ୍ଧା ପୋକ, ପତ୍ରମୋଡା ପୋକ, ବାଦାମୀ ଗୁଣ୍ଡିପୋକ, ଧଳା ପତ୍ରଡିଆଁ ପୋକର ଆର୍ବିଭାବ ହୋଇପାରେ । ସେମାନଙ୍କର ଆର୍ଥିକ ଦେହଳୀ ସୀମା ହେଲା :

- ➢ ହଳଦିଆ କାଣ୍ଡବିନ୍ଧା ପୋକ-୧-୨ ଟି ପୂର୍ଣ୍ଣ ପ୍ରଜାପତି କିମ୍ବା ବର୍ଗମିଟର ପ୍ରତି ଗୋଟିଏ ଅଣ୍ଡାପୁଞ୍ଜ

  (କିମ୍ବା ହେକ୍ଟର ପିଛା ୮ଟି ଯୌନ ସଂବେଦନ ଶୀଳ ଯନ୍ତା ବସାନ୍ତୁ । ସେଥିରେ ପ୍ରତିଦିନ ୪-୫ଟି ପୁରୁଷ ପ୍ରଜାପତି ଦେଖାଦେଲେ)
- ➢ ପତ୍ରମୋଡା ପୋକ-ବୁଦାପ୍ରତି ୧-୨ ଟି ନଷ୍ଟ ହୋଇଥିବା ପତ୍ର
- ➢ ବାଦାମୀ ଗୁଣ୍ଡିପୋକ-ବୁଦାପ୍ରତି ୫-୧୦ଟି ପୋକ
- ➢ ଧଳା ପତ୍ରଡିଆଁ ପୋକ-ବୁଦାପ୍ରତି ୫-୧୦ ଟି ପୋକ

(ବି.ଦ୍ର: ବାଦାମୀ ଗୁଣ୍ଡିପୋକ ଏବଂ ଧଳା ପତ୍ରଡିଆଁ ପୋକର ଆର୍ବିଭାବ ଜାଣିବା ପାଇଁ ଧାନ ଗଛର ମୂଳକୁ ଗୋଟିଏ ବାଡି ଦ୍ୱାରା ହାଲୁକା ଭାବେ ବାଡେଇ ଦେଲେ ପୋକଗୁଡିକ ତଳେଥିବା ପାଣିକୁ ଡେଇଁପଡିବେ । ସେଥିରୁ ତାଙ୍କର ସଂଖ୍ୟା ଜାଣିହେବ)

ଆର୍ଥିକ ଦେହଳୀ ସୀମାରୁ ପୋକର ସଂଖ୍ୟା ଅଧିକ ଥିଲେ ନିମ୍ନଲିଖିତ ପୋକମରା ଔଷଧ ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ବ୍ୟବହାର କରନ୍ତୁ ।

❖ ହଳଦିଆ କାଣ୍ଡବିନ୍ଧା ପୋକର ଦମନ ପାଇଁ ଏକର ପ୍ରତି ରାଇନାକ୍ସିପାର ୨୦ ଏସ୍.ସି. ୬୦ ମି.ଲି. କିମ୍ବା ଟ୍ରାଇଜୋଫସ୍ ୪୦ ଇ.ସି. ୫୦୦ ମି.ଲି. କିମ୍ବା ଏସିଫେଟ୍ ୭୫ ଏସ୍.ପି. ୩୦୦ ଗ୍ରାମ୍ କିମ୍ବା କ୍ଲୋରୋପାଇରିଫସ୍ ୨୦ ଇ.ସି. ୧୦୦୦ ମି.ଲି. ହିସାବରେ ପ୍ରୟୋଗ କରନ୍ତୁ ।

❖ ପତ୍ରମୋଡା ପୋକ ଦମନ ପାଇଁ ଏକର ପିଛା ୫୦୦ ମି.ଲି. ଟ୍ରାଇଜୋଫସ୍ ୪୦ ଇ.ସି. କିମ୍ବା ୪୦ ଗ୍ରା. ଥାୟୋମିଥୋକ୍ସାମ୍ ୨୫ ଡବ୍ଲ୍ୟୁ.ଜି. କିମ୍ବା ୫ ମି.ଲି. ନିମ୍ବତେଲ ସହିତ ଶତକଡ଼ା ୨ ଭାଗ ସାବୁନ ପାଣି ଏକ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ କରନ୍ତୁ ।

❖ ବାଦାମୀ ଗୁଣ୍ଡିପୋକ / ଧଳା ପତ୍ରଡିଆଁ ପୋକ ଦମନ ପାଇଁ ଏକର ପିଛା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୫୦ ମି.ଲି. କିମ୍ବା ୪୦ ଗ୍ରାମ୍ ଥାୟୋମିଥୋକ୍ସାମ୍ ୨୫ ଡବ୍ଲ୍ୟୁ.ଜି. କିମ୍ବା ୨୦୦ ମି.ଲି. ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫ ମି.ଲି. ନିମ୍ବତେଲ ସହିତ ଶତକଡ଼ା ୨ ଭାଗ ସାବୁନ ପାଣିକୁ ଏକ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ କରନ୍ତୁ ।

❖ ବିଭିନ୍ନ ପ୍ରକାର ରୋଗ ଯଥା ମହିଷା, ପତ୍ରାଚ୍ଛାଦ ପୋଡା, ପତ୍ରପୋଡା, ପତ୍ରଗାର ପୋଡା ଏବଂ ପତ୍ରାଚ୍ଛାଦ ସଢ଼ା ରୋଗ ପାଇଁ ସାବଧାନତା ଅବଲମ୍ବନ କରିବା ଦରକାର । ଯଦି ଆବଶ୍ୟକ ପଡେ ସେମାନଙ୍କୁ ଦମନ ପାଇଁ ନିମ୍ନଲିଖିତ ପଦ୍ଧତି ଅବଲମ୍ବନ କରନ୍ତୁ :

➢ ପତ୍ରପୋଡା/ପତ୍ରଗାର ପୋଡା ରୋଗ ଦମନ ପାଇଁ ଏକ ଲିଟର ପାଣିରେ ୧ ଗ୍ରାମ୍ ହିସାବରେ ପ୍ଲାଣ୍ଟୋମାଇସିନ୍ କିମ୍ବା ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୫୦ ମି.ଗ୍ରା. ସହିତ କପର ଅକ୍ସିକ୍ଲୋରାଇଡ୍ ୧ ଗ୍ରାମ୍ ହିସାବରେ ମିଶାଇ ୮ ଦିନ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ । ଏକ ଏକର ସିଞ୍ଚନ ପାଇଁ ସର୍ବଦା ୨୦୦ ଲିଟର ପାଣି ବ୍ୟବହାର କରନ୍ତୁ ।

➢ ମହିଷା ରୋଗ ଦମନ ପାଇଁ ଏକ ଲିଟର ପାଣିରେ ଟେବୁକୋନାଜୋଲ୍ ୫୦% ସହିତ ଟ୍ରାଇଫ୍ଲୋକ୍ସିଷ୍ଟ୍ରେବିନ୍ ୨୫% ( ନାଟିଭୋ ୭୫ ଡବ୍ଲ୍ୟୁ.ଜି.)୦.୪ ଗ୍ରାମ୍ ପ୍ରୟୋଗ କରନ୍ତୁ, ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ୫୦ ଡବ୍ଲୁ.ପି. କିମ୍ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍ ୭୫ ଡବ୍ଲ୍ୟୁ.ପି. ସିଞ୍ଚନ କରିବା ଦରକାର । ଏତଦ୍‌ବ୍ୟତୀତ ୨୫ ଗ୍ରାମ୍ ବେଲପତ୍ର ରସ କିମ୍ବା ତୁଳସୀ ପତ୍ର ରସ କିମ୍ବା ୨୦୦ ଗ୍ରାମ୍ ନିମ୍ବ ପତ୍ର ରସ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ଏହି ରୋଗ ଦମନ ହୋଇଥାଏ ।

➢ ପତ୍ରାଚ୍ଛାଦ ପୋଡା ରୋଗ ଦମନ ପାଇଁ ୧ ଲିଟର ପାଣିରେ ୧ ମି.ଲି. ହିସାବରେ ପ୍ରୋପିକୋନାଜୋଲ୍ ୨୫% (ଟିଲଟ୍), (ରୋଇଜୋସିନ୍ ୩ ଏ.ଲ୍. କିମ୍ବା ସିଥ୍‌ମାର୍ ୩ ଏ.ଲ୍.) ୨ ମି.ଲି. ହିସାବରେ ପ୍ରୟୋଗ କରନ୍ତୁ କିମ୍ବା ଟେବୁକୋନାଜୋଲ୍ ୫୦% ସହିତ ଟ୍ରାଇଫ୍ଲୋକ୍ସିଷ୍ଟ୍ରେବିନ୍ ୨୫% ( ନାଟିଭୋ ୭୫ ଡବ୍ଲୁ.ଜି.)୦.୪ ଗ୍ରାମ୍ ପ୍ରୟୋଗ କରନ୍ତୁ କିମ୍ବା ଲିଟର ପିଛା ୧ ଲିଟର ପାଣିରେ ୨ ମି.ଲି. ହିସାବରେ କଣ୍ଟାଫ୍ ୫ ଇ.ସି.(ହେକ୍ସାକୋନାଜୋଲ୍ ୫ ଇ.ସି.), ୧ ମି.ଲି. ହିସାବରେ ଥିଫ୍ଲୁଜାମିଡ୍ ୨୪ ଏସ୍.ସି. କିମ୍ବା ୨.୫ ଗ୍ରାମ୍ ବାଭିଷ୍ଟିନ୍ (କାର୍ବେଣ୍ଡାଜିମ୍ ୫୦ ଡବ୍ଲୁ.ପି.) ବ୍ୟବହାର କରନ୍ତୁ ।

➢ ପତ୍ରାଚ୍ଛାଦ ସଢ଼ାରୋଗ ଦମନ ପାଇଁ ୧ ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦ ଡବ୍ଲୁ.ପି.) ( ବାଭିଷ୍ଟିନ୍) କିମ୍ବା ପ୍ରୋପିକୋନାଜଲ୍ (ଟିଲଟ୍ ୨୫ ଇ.ସି.) ୧ ମି.ଲି. କିମ୍ବା ହେକ୍ସାକୋନାଜଲ୍ (କେଣ୍ଟାଫ୍ ୫ ଇ.ସି.) ୨ ମି.ଲି. ହିସାବରେ ପ୍ରୟୋଗ କରନ୍ତୁ ।

➢ ସାଆଁରା ରୋଗ ଦମନ ପାଇଁ ୧ ଲିଟର ପାଣିରେ କପର ହାଇଡ୍ରୋକ୍ସାଇଡ୍ ୭୭% ( କୋସିଡ୍ ୧୦୧) ୨ ଗ୍ରାମ୍ କିମ୍ବା ୨ ଗ୍ରାମ୍ ଟେବୁକୋନାଜୋଲ୍ ୨୫% (ଫୋଲିକୁର୍) ୭ ଦିନ ଅନ୍ତରରେ ଥୋଡ ବାହାରିବା ସମୟରେ ଦୁଇଥର ପ୍ରୟୋଗ କରିବା ଆବଶ୍ୟକ, ଏଥିସହିତ ଦାନା ହୋଇସାରିବା ପରେ ଜମିରୁ ପାଣି କାଟିଦେବା ଦରକାର ।

❖ ସର୍ବଦା ମନେରଖିବା ଉଚିତ୍ ଯେ ପାଗ ପରିଷ୍କାର ଥିବା ସମୟରେ ଔଷଧ ପ୍ରୟୋଗ କରିବେ ।

******